## ବନ୍ଧୁଗାଁରେ ଅବକାରୀ ଚଢ଼ାଉ: ଜଣେ ଗିରଫ

କୋରାପୁଟ/ବନ୍ଧୁଗାଁ, (ସ୍ୱ.ପ୍ର./ ଡି.ଏନ.ଏ.)- କୋରାପୁଟ ଜିଲା ଅବକାରୀ ବିଭାଗ ପକ୍ଷରୁ ବନ୍ଧୁଗାଁର ଆଲମଣ୍ଡା ଗ୍ରାମରେ ଚଢ଼ାଉ କରାଯାଇ ୪୭ଟି ପ୍ଲାଷ୍ଟିକ ଜାରକିନରେ ଥିବା ଦେଶୀମଦ, ୩ ବସ୍ତା ମଦ ପାଉଚ ଜବତ କରାଯାଇଛି। ମଦ ପାଉଚ ପ୍ରସ୍ତୁତି ପାଇଁ ଥିବା ମେସିନ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ମହିଳା ନାଲା ତେଜବତୀଙ୍କୁ ଗିରଫ କରାଯାଇଛି। ବିଶେଷ ସୂତ୍ରରୁ ସୂଚନା ପାଇ ଅବକାରୀ ନିରୀକ୍ଷକ ମନୋଜ ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ବନ୍ଧୁଗାଁ ଥାନା ଅନ୍ତର୍ଗତ ଆଲମଣ୍ଡା ଗ୍ରାମରେ ଚଢ଼ାଉ କରିଥିଲା। ଚଢ଼ାଉରେ କୋରାପୁଟ ମୋବାଇଲ ସ୍କ୍ୱାଡ଼ର ଇନ୍ସପେକ୍ଟର ପ୍ରମୋଦ ବାଣୁଆ, ଦିଲୀପ ରଥ, ଖଗେଶ୍ୱର କଟା, ଲକ୍ଷ୍ମୀପୁର ଅବକାରୀ ବିଭାଗର ଏସ୍ଆଇ ଅରୁଣ ଯୋଶୀ, ସୁମନ୍ତ ମାଝି, ନକୁଳ ନାୟକ, ସୁଶାନ୍ତ ନାୟକଙ୍କ ସମେତ କର୍ମଚାରୀମାନେ ସାମିଲ ଥିଲେ।

# ମକା ଫସଲ ଉପରେ ଦଲାଲଙ୍କ ଲୋଲୁପ ଦୃଷ୍ଟି

■ ବଜାର ବ୍ୟବସ୍ଥା ନ ଥିବାରୁ ଚାଷୀ ଦଲାଲଙ୍କୁ ବିକୁଛନ୍ତି ଫସଲ
■ ମଣ୍ଡି ବ୍ୟବସ୍ଥା କରିବାକୁ ଦାବି

ଉମରକୋଟ, ୧୪।୧୧(ସ୍ୱ.ପ୍ର.)

ମକା ଏକ ଲାଭଜନକ ଫସଲ। ଏଥିରୁ ବିସ୍କୁଟ, ଗୋଦାନା,କୁକୁର,କୁକୁଡ଼ା ଦାନା ଭଳି ଅନେକ ଖାଦ୍ୟପଦାର୍ଥ ତିଆରି ହୋଇଥାଏ। ଉମରକୋଟ ଅଞ୍ଚଳ ମକାର ବିଦେଶରେ ଆଦର ରହିଛି। ଏଠାକାର ଚାଷୀ ମକା ଫସଲ ମଧ୍ୟ କରୁଛନ୍ତି। କିନ୍ତୁ ଏହାର ଉପଯୁକ୍ତ ମୂଲ୍ୟ ସେମାନଙ୍କୁ ମିଳୁନି। ଜିଲାରେ ଚାଷୀଙ୍କଠାରୁ ସରକାର ସିଧାସଳଖ ମକା କିଣିବାର କୌଣସି ବ୍ୟବସ୍ଥା ନ ଥିବାରୁ ସେମାନଙ୍କୁ ଏହାର ଉପଯୁକ୍ତ ମୂଲ୍ୟ ମିଳୁନି। ଦଲାଲମାନେ ଅଳ୍ପ ଦରରେ ଚାଷୀଙ୍କଠାରୁ ମକା କିଣି ନେଉଛନ୍ତି। ଫଳରେ ସେମାନେ ଅନେକ କ୍ଷତି ସହୁଛନ୍ତି। ଧାନ ମଣ୍ଡି ଭଳି ଏକ ମକା ମଣ୍ଡି କରିବାକୁ ଚାଷୀମାନେ ଦାବି କରୁଛନ୍ତି।

ଚଳିତ ବର୍ଷ ୨୫ହଜାର ହେକ୍ଟର ଜମିରେ ମକା ଚାଷ ହୋଇଛି। ଅମଳ ହେଲେ ଅଧିକ ଲାଭ ଆଶା ଥାଏ। କିନ୍ତୁ ଯେତେବେଳେ ଅମଳ ସରିଯାଏ ପ୍ରକୃତ ଦୁଃଖ ସେତେବେଳେ ହିଁ ଆସେ। ସରକାରୀସ୍ତରରେ ମକା ବିକ୍ରି ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ବାଧ ହୋଇ ଦଲାଲଙ୍କୁ ବିକ୍ରି କରୁ। ସେମାନେ ମକା ଭଲ ନାହିଁ, ଡିସ୍କଲର ହୋଇଗଲାଣି, ମକା ଓଦା ଅଛି ଏଭଳି ବିଭିନ୍ନ ଆଳ ଦେଖାଇଥାନ୍ତି। ସେମାନେ ଦଲାଲ ଦେଉଥିବା ରେଟ୍‌ରେ ମକା ବିକ୍ରି କରିଥାନ୍ତି।

ଚଳିତ ବର୍ଷ ଫସଲ ଭଲ ହୋଇଛି। ଚାଷୀ ଚୋପା ସହିତ ଏକର ପିଛା ୩୦ରୁ ୩୫ କୁଇଣ୍ଟାଲ ଫସଲ ଆଦାୟ କରିଛନ୍ତି। ବର୍ତ୍ତମାନ ପଡୋଶୀ ରାଜ୍ୟକୁ ଉମରକୋଟ ମକା ଯାଉଛି। ତେଣୁ ସାହୁକାର ଏବେ କୁଇଣ୍ଟାଲ ପିଛା ୧୫୦୦ରୁ ୧୬୦୦ ଟଙ୍କା ଦେଉଛନ୍ତି। ଆଗକୁ ଏହି ରେଟ୍ ଧୀର ଧୀରେ କମିବ ବୋଲି ଚାଷୀ ଆଶଙ୍କା କରୁଛନ୍ତି। ଏଠାରେ ଏକ ମକା ପ୍ରୋସେସିଂ ୟୁନିଟ୍ କରିବାକୁ ଚାଷୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରି ଆସୁଛନ୍ତି, କିନ୍ତୁ ତାହା ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଗତ ବର୍ଷ ସରକାର



ମକା ଚାଷୀଙ୍କ ପାଇଁ ଇନାମର ବ୍ୟବସ୍ଥା କରିଥିଲେ। ଚାଷୀ ଏହା ମାଧ୍ୟମରେ ସରକାରୀସ୍ତରରେ ଧାର୍ଯ୍ୟ ରେଟ୍ (କୁଇଣ୍ଟାଲ ପ୍ରତି ୧୮୭୦ ଟଙ୍କା)ରେ ମକା ବିକିବାର ବ୍ୟବସ୍ଥା ହୋଇଥିଲା। କିନ୍ତୁ ଏହାର ସୁଫଳ ମିଳିଲାନି। ୪୫୦ ଜଣ ଚାଷୀ ଇନାମ ଫର୍ମ ଫିଲପ କରି ବଜାର ନିୟନ୍ତ୍ରଣ କମିଟିକୁ ଦେଇଥିଲୁ। କିନ୍ତୁ କୌଣସି ଚାଷୀ ତାହାର ସୁଫଳ ପାଇ ନାହାନ୍ତି।

ମକା ଚାଷୀଙ୍କ ପାଇଁ ବଜାର ନିୟନ୍ତ୍ରଣ କମିଟି ପକ୍ଷରୁ କ'ଣ ସୁବିଧା କରାଯାଇଛି ସେ ସମ୍ପର୍କରେ ଜାଣିବାକୁ କମିଟି ଅଧିକାରୀ ରାଜେନ୍ଦ୍ର ପଟ୍ଟନାୟକଙ୍କୁ ପଚାରିଥିଲୁ। ମକାକୁ ଶୁଖାଇବା ପାଇଁ ଫୋର୍ଡର ବ୍ୟବସ୍ଥା କରାଯାଇଛି। ବର୍ଷା ଦାଉରୁ ଫସଲକୁ ରକ୍ଷା ପାଇଁ ଜରି ଦିଆଯାଉଛି। ବିଭିନ୍ନ ସ୍ଥାନରେ ଗୋଦାମର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ଚଳିତ ବର୍ଷର ମକା ଫସଲକୁ ନେଇ ଉମରକୋଟ ବ୍ଲକ କୃଷି ଅଧିକାରୀ ବିଧୁ ଭୂଷଣ ମହାକୁଡଙ୍କୁ ପଚାରିବାରୁ ଚଳିତବର୍ଷ ଏକର ପିଛା ୩୦ରୁ ୩୫ କୁଇଣ୍ଟାଲ ଫସଲ ଅମଳ ହୋଇଛି। ଚଳିତ ବର୍ଷ କୃଷି ବିଭାଗ ପକ୍ଷରୁ ୭୫ ହେକ୍ଟର ଜମିର ଚାଷୀଙ୍କୁ ବିନା ମୂଲ୍ୟରେ ଉନ୍ନତ ମାନର ସାର, ବିହନ ଦିଆଯାଇଛି। ଉନ୍ନତମାନର ଫସଲ ପାଇଁ ଡେମୋଷ୍ଟ୍ରେଶନ ଦିଆଯାଇଛି ବୋଲି ସେ କହିଛନ୍ତି।

ଜଣେ ମକା ଚାଷୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଆମେ ଚାଷ କରୁଛୁ ଲାଭ ପାଇବା ଆଶାରେ କିନ୍ତୁ ଲାଭ ମିଳୁନାହିଁ। ଆମେ ଗ୍ରାମାଞ୍ଚଳରେ ରହୁଛୁ। ଅନ୍ତର୍ଜାତୀୟ ବଜାର ରେଟ୍ ଉପରେ ଆମର ଧାରଣା ନାହିଁ। ତେଣୁ ଆମେ ଠକାମିର ଶିକାର ହେଉଛୁ। ଧାନ ମଣ୍ଡି ଭଳି ଯଦି ସରକାର ମକା ମଣ୍ଡିର ବ୍ୟବସ୍ଥା କରନ୍ତେ ତା'ହେଲେ ଆମେ ଭଲ ଦୁଇ ପଇସା ଲାଭ ପାଇଥାନ୍ତୁ। ମକା ବିକ୍ରି ଟଙ୍କା ଏକକାଳୀନ ପାଇପାରନ୍ତୁ।

## ସଂକ୍ଷେପରେ

### ୨୬ରୁ ୟୁପିଆଇ ଆରମ୍ଭ

ଉମରକୋଟ, ୧୪।୧୧(ସ୍ୱ.ପ୍ର.)- ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଉମରକୋଟ ପ୍ରିମିୟର ଲିଗ୍ (ୟୁପିଆଇ) କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରମୋଦ ପାଢ଼ୀ, ପ୍ରଶାନ୍ତ ସାହୁ, ତପନ ଦେବନାଥ, ସୋନୁ ହିଙ୍ଗରା, ଗୋପାଳ ପଟ୍ଟନାୟକ, କୈଳାସ ନାୟକ, ସୀମା ବିଶୋଇ, ସଞ୍ଜୟ ଗୁପ୍ତା,ମୋହସିନ ଲାଠିଆ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅନ୍ତଃରାଜ୍ୟ ଟୁର୍ଣ୍ଣାମେଣ୍ଟ ୨୬ ନଭେମ୍ବରରୁ ଆରମ୍ଭ ହୋଇ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଓଡିଶା ସମେତ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ରୁ ବିଭିନ୍ନ ଟିମ୍ ଭାଗ ନେବେ। ବିଜେତା ଟିମ୍‌କୁ ୫୫ ହଜାର ୫୫୫ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୩୩ ହଜାର ୩୩୩ ଟଙ୍କା ସହ ଟ୍ରଫି ଦିଆଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଟୁର୍ଣ୍ଣାମେଣ୍ଟ ପରିଚାଳନା ପାଇଁ ଗଠିତ ଟିମ୍‌ରେ ସଭାପତି ସୁଧାଂଶୁ ଦାସ, ଉପ ସଭାପତି ଚନ୍ଦନ ବେହେରା, ସମ୍ପାଦକ କାଲୁ ପଟ୍ଟନାୟକ, କୋଷାଧ୍ୟକ୍ଷ ତପନ ପାତ୍ର, ମିଡ଼ିଆ କୋଅର୍ଡିନେଟର ହିମାଂଶୁ ଜେନାଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଛି।

### ଚିତ୍ରାଙ୍କନ ପ୍ରତିଯୋଗିତା

ନବରଙ୍ଗପୁର,୧୪।୧୧(ବି.ପ୍ର.)- ନବରଙ୍ଗପୁର ପରିବାର ଅଦାଲତ ଓ ଜିଲା କୋର୍ଟଙ୍କ ମିଳିତ ଆନୁକୂଲ୍ୟରେ ଶିଶୁଦିବସ ଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଛି। ଜିଲା ଜଜ୍ ଅଶୋକ କୁମାର ପଣ୍ଡା ମୁଖ୍ୟଅତିଥି ଓ ପରିବାର ବିଚାର ବିଭାଗୀୟ ଜଜ୍ ସଞ୍ଜୟ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍ଏସ୍) ସମ୍ପାଦିକା ଅନ୍ନପୂର୍ଣ୍ଣା ନାୟକ, ଉପଖଣ୍ଡ ବିଚାର ବିଭାଗୀୟ ଜଜ୍ ପ୍ରିୟ ରଞ୍ଜନ ଓଝା, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଜଜ୍ ରାଜଶ୍ରୀ ଅରୟବାଲା ତ୍ରିପାଠୀ, ଡିଇଓ ପ୍ରଦୀପ କୁମାର ନାଗ, ଏବିଡିଓ ରେଶମଲାଲ ନାୟକ ଉପସ୍ଥିତ ଥିଲେ। ନବରଙ୍ଗପୁର ପୌରାଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ୩୨ ପିଲା ସାମିଲ ହୋଇଥିଲେ। ବିଚାରକ ଭାବେ ବସନ୍ତ ବେଣିଆ, ମାଧବ ମଣ୍ଡଳ ଓ ରୋଶନ ବରାଳ ପ୍ରମୁଖ ଯୋଗଦେଇଥିଲେ। ପୂଜାରୀଗୁଡ଼ା ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ମନୋଜ ନାଗ ପ୍ରଥମ, ସିନ୍ଧିଗୁଡ଼ା ଉନ୍ନୀତ ଉଚ୍ଚବିଦ୍ୟାଳୟର କେଳାସ ଅମନତ୍ୟ ଦ୍ୱିତୀୟ, ଥେରେଡୋରେ ପବ୍ଲିକ ସ୍କୁଲର ଅଗଷ୍ଟସ ଡାନିଏଲ ତୃତୀୟ ହୋଇଛନ୍ତି। ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।

### ବ୍ରାହ୍ମଣ ସମାଜର ବ୍ଲକ ସ୍ତରୀୟ ସାଧାରଣ ବୈଠକ

ତେନ୍ତୁଲିଖୁଣ୍ଟି, ୧୪।୧୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ରାହ୍ମଣ ସମାଜର ବ୍ଲକସ୍ତରୀୟ ସାଧାରଣ ବୈଠକ ରବିବାର ଶ୍ରୀ ଶ୍ରୀ ଦତ୍ତାତ୍ରେୟ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ସନ୍ତୋଷ ଚୌଧୁରୀ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଶ୍ରୀକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରମୋଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ରମଣୀ ରଞ୍ଜନ ତ୍ରିପାଠୀ ବୈଦିକ ମନ୍ତ୍ର ଉଚ୍ଚାରଣ ସହ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଗୋପୀନାଥ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟବକ୍ତାଭାବେ କୃଷ୍ଣଚନ୍ଦ୍ର କର ଯୋଗଦେଇ ସଙ୍ଗଠନକୁ ସୁଗଠିତ କରିବାକୁ ସାମୂହିକ ଉଦ୍ୟମ ଜରୁରୀ ବୋଲି କହିଥିଲେ। ବ୍ରାହ୍ମଣ ସମାଜ ତରଫରୁ ରକ୍ତଚାପ, ମଧୁମେହ ପରୀକ୍ଷା ଓ ରକ୍ତଦାନ ଶିବିର କାର୍ଯ୍ୟକ୍ରମ କରିବାକୁ ଯୋଗେଶ ସାହୁ ମତ ରଖିଥିଲେ। କୃଷ୍ଣ ଦାସଙ୍କୁ ସମ୍ବର୍ଦ୍ଧିତ କରିବାକୁ ମନୋନୀତ କରାଯାଇଛି। ଗୋପାଳକୃଷ୍ଣ ପଣ୍ଡା ଧନ୍ୟବାଦ ଦେଇଥିଲେ। ସୁଶାନ୍ତ ଶତପଥୀ, ବସନ୍ତ ପାଣିଗ୍ରାହୀ, ହରିହର ମିଶ୍ର, ଶ୍ରୀପତି ଯୋଶୀ ଉପସ୍ଥିତ ଥିଲେ।

### ଡିଏଲ୍ଏସ୍ ପକ୍ଷରୁ ପ୍ରଭାତ ଫେରି



ନବରଙ୍ଗପୁର,୧୪।୧୧ (ବି.ପ୍ର.) - ପାନ୍ ଇଣ୍ଡିଆ କାମ୍ପେନର ଶେଷଦିନ ଅବସରରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ଶୋଭାଯାତ୍ରା ନବରଙ୍ଗପୁର ଷ୍ଟାଡିୟମ ପ୍ରାଙ୍ଗଣରୁ ବାହାରି ନୂତନ ଜିଲା କୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ଜିଲା ଜଜ୍ ଅଶୋକ କୁମାର ପଣ୍ଡା ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ଡ. କମଳ ଲୋଚନ ମିଶ୍ର, ପରିବାର ବିଚାର ବିଭାଗୀୟ ଜଜ୍ ସଞ୍ଜୟ କୁମାର ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଷ୍ଟୁଡେଣ୍ଟ ଲିଗାଲ ଲିଟରାସି କ୍ଲବ ସଭ୍ୟ, ପାରା ଲିଗାଲ ସେଲ୍ ସଦସ୍ୟ ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ଆଇନ ସେବା ପ୍ରାଧିକରଣର ବିଭିନ୍ନ ପ୍ରକାର ପ୍ରଚାରପତ୍ର ବଣ୍ଟନ କରାଯାଇଛି। ନୂତନ ଜିଲା କୋର୍ଟ ପରିସରରେ ଏକ ଆଇନ ସଚେତନତା ଶିବିର ଶିଶୁମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଡିଏଲ୍ଏସ୍ ସମ୍ପାଦିକା ଅନ୍ନପୂର୍ଣ୍ଣା ନାୟକ ଯୋଗଦେଇ ପିଲାମାନଙ୍କୁ ବିଭିନ୍ନ ଆଇନ ବିଷୟରେ ଆଲୋକପାତ କରାଇଥିଲେ।

## ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ହାଇକୋର୍ଟର ଦ୍ୱାରସ୍ଥ

ଉମରକୋଟ, ୧୪।୧୧(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ ବଡ ପାଞ୍ଜିଆରୀଗୁଡାରେ ପୋଖରୀ ଖନନ କାର୍ଯ୍ୟକୁ ନେଇ ମିଥ୍ୟା ବିଲ୍ କରି ଟଙ୍କା ଚଳୁ ଘଟଣାର ତଦନ୍ତ ରିପୋର୍ଟ ସାର୍ବଜନୀନ ହେବା ପରେ ସାମାଜିକ କର୍ମୀ ଧୀରଜ ବିଶ୍ୱାସ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ନିବେଦନ କରିଛନ୍ତି।

ଡାବୁଗାଁ ବନାଞ୍ଚଳ ଅଧୀନ ବଡ ପାଞ୍ଜିଆରୀଗୁଡା ଜଙ୍ଗଲରେ ପୋଖରୀ ଖନନ ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ୯ଲକ୍ଷ ୨୪ହଜାର ଟଙ୍କା ରାଜ୍ୟ ସରକାର ମଞ୍ଜୁର କରିଥିଲେ। ପୋଖରୀ ଖନନ ଶେଷ ନ ହୋଇ ଟଙ୍କା ଉଠାଯାଇଥିବା ନେଇ ଗତ ସେପ୍ଟେମ୍ବରରେ ଅନୁଷ୍ଠିତ ଦିଶା କମିଟିରେ ପ୍ରମୋଦ ପାଢ଼ୀ ଅଭିଯୋଗ କରିଥିଲେ। ପୂର୍ବତନ ଜିଲାପାଳ ଅଜିତ୍ କୁମାର ମିଶ୍ର ଏକ ନିର୍ଦ୍ଦେଶ ଦେଇଥିଲେ। ଏକ ୧୦ ଜଣିଆ ଟିମ୍ ଘଟଣାର ତଦନ୍ତ କରିଥିଲା। ଟିମ୍ ଉକ୍ତ ରିପୋର୍ଟକୁ ଗତ ୨୧ରେ ବିଭାଗୀୟ ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲା। ଗତ ୩ ତାରିଖରେ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଉକ୍ତ ରିପୋର୍ଟକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକଙ୍କ

**ଡାବୁଗାଁ ବନାଞ୍ଚଳ ଅଧୀନରେ ପୋଖରୀ ଖନନ ନ ହୋଇ ଟଙ୍କା ଆତ୍ମସାତ୍ ଘଟଣା**



ନିକଟକୁ ଚିଠି ମାଧ୍ୟମରେ ସୂଚନା ଦେଇଛନ୍ତି। ପୋଖରୀ ଖନନ ହେବାର ୮ ମାସ ପୂର୍ବରୁ ଟଙ୍କା ଉଠାଯାଇ ସରକାରୀ ଅର୍ଥକୁ ଅପ ବ୍ୟବହାର କରାଯାଇଛି। ସେହିଭଳି ଏମ୍‌ଜିଏନ୍ଆରଇଜିଏସ୍ ନିୟମ ବିରୋଧରେ ରାତିରେ ଜେସିବି ଲଗାଇ କାମ କରାଯାଇଛି। ଏହାର ସମସ୍ତ ନଥିପତ୍ର ମଧ୍ୟ ଠିକ୍ ଭାବେ ପରିଚାଳନା କରାଯାଇ ନାହିଁ। ତେଣୁ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ରିପୋର୍ଟରେ ଦର୍ଶାଯାଇଛି। ପୋଖରୀ କାର୍ଯ୍ୟ ନ କରି ସମୁଦାୟ ୧,୦୬,୮୧୨ ଟଙ୍କା ୪ଟି ପର୍ଯ୍ୟାୟରେ ଉଠାଯାଇଛି। ସମୁଦାୟ ଟଙ୍କା ବନପାଳ ଓ ଡାବୁଗାଁ ବନାଞ୍ଚଳ ଅଧିକାରୀଙ୍କ ନିକଟରୁ ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଦୁର୍ନୀତିରେ ବନପାଳ(ଫରେଷ୍ଟ ଗାର୍ଡ)ଙ୍କୁ କାର୍ଯ୍ୟରୁ ନିଲମ୍ବନ କରା ଯାଇଥିବାବେଳେ ଡାବୁଗାଁ ବନାଞ୍ଚଳ ଅଧିକାରୀ ଓ ଜିଲା ବନଖଣ୍ଡ ଅଧିକାରୀ ମଧ୍ୟ ସମାନ ଦାୟୀ ରହିବେ ବୋଲି ଦର୍ଶାଯାଇଛି। ଜିଲା ବନଖଣ୍ଡ ଅଧିକାରୀ କାର୍ଯ୍ୟ ଠିକ୍ ଭାବେ ପରିଚାଳନା କରିନାହାନ୍ତି, ଆଗକୁ ଏଭଳି କାର୍ଯ୍ୟ ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ତାଙ୍କୁ ତାଗିଦ କରାଯାଇଛି। ଏ ନେଇ ଡିଏଫ୍ଓ ମଗର ଧନଜି ରାଓସୋଙ୍କୁ ଯୋଗାଯୋଗ କରିବାରୁ, ଖବର ମୋର ଦୃଷ୍ଟିଗୋଚର ହୋଇନାହିଁ। କିଏ କରିଛି କ'ଣ ମୁଁ ଜାଣି ନାହିଁ। ମୋ ପାଖକୁ ଚିଠି ଆସିଲେ ତା'ର ଉତ୍ତର ଦେବି। ସେହିଭଳି ଡାବୁଗାଁ ବନାଞ୍ଚଳ ଅଧିକାରୀ ସେତୁ ରଞ୍ଜନୀ ଗମାଙ୍ଗଙ୍କୁ ଏ ବିଷୟରେ ପଚାରିବାରୁ, ମୁଁ ଏହି ଦୁର୍ନୀତିରେ ଅନ୍ତର୍ଭୁକ୍ତ ନାହିଁ, ଯେ କୌଣସି ତଦନ୍ତ କରାଯାଉ, ମୁଁ ତାକୁ ସ୍ୱାଗତ କରୁଛି। ତଦନ୍ତ କରାଯାଉ ଏଥିରେ ମୋର କୌଣସି ଆପତ୍ତି ନାହିଁ।

## ବାଲ୍ୟ ବିବାହ ରୋକିବାକୁ ୪ ଲକ୍ଷ ଲୋକ ନେଲେ ଶପଥ




ରାୟଗଡ଼ାଠାରେ ଶୋଭାଯାତ୍ରା ସହର ପରିକ୍ରମା କରୁଛି ।

ରାୟଗଡ଼ା ଅଫିସ/ମୁନିଗୁଡା, ୧୪।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ବାଲ୍ୟ ବିବାହ ନିରାକରଣ ଓ କିଶୋରୀ ସଶକ୍ତୀକରଣ ପାଇଁ ଚାଲିଥିବା ପ୍ରଚେଷ୍ଟା ଅଭିଯାନ ମାଧ୍ୟମରେ ଗୋଟିଏ ଦିନରେ ଏକ ସମୟରେ ପ୍ରାୟ ୪ ଲକ୍ଷ ଲୋକ ନିଜ ନିଜ ଅଞ୍ଚଳରେ ବାଲ୍ୟ ବିବାହ ରୋକିବା ନିମନ୍ତେ ଶପଥ ନେଇଛନ୍ତି। ରାଜ୍ୟ ସରକାର, ଜିଲା ପ୍ରଶାସନ, ଆକ୍ସନଏଡ୍ ଏବଂ ୟୁନିସେଫ୍‌ର ମିଳିତ ଉଦ୍ୟମରେ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରଖି ଶିଶୁ ଦିବସ ଉପଲକ୍ଷେ ମାନବ ଶୃଙ୍ଖଳ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। ଝିଅକୁ ୧୮ ବର୍ଷ ଓ ପୁଅକୁ ୨୧ ବର୍ଷ ପୂର୍ବରୁ ବିବାହ ନ କରାଇବା ପାଇଁ ସଚେତନ କରାଯାଇଥିଲା। ବାଲ୍ୟ ବିବାହ ହେଉଥିବା ନଜରକୁ ଆସିଲେ ଚାଇଲ୍ଡଲାଇନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ପୋଲିସ, ଅଙ୍ଗନୱାଡି କର୍ମୀ, ସିଡିପିଓଙ୍କୁ ଜଣାଇବେ ବୋଲି ଶପଥ ନେଇଥିଲେ। ପରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲାରେ ସଚେତନତା କାରଣରୁ ୫୫୯ ଟି ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ କରାଯାଇ ପାରିଛି। ଆଗାମୀ ଦିନରେ ସମସ୍ତ ଧାର୍ମିକ ଅନୁଷ୍ଠାନର ମୁଖ୍ୟମାନେ ନିଜର ଧାର୍ମିକ ସ୍ଥଳରେ ଯେପରି ବାଲ୍ୟ ବିବାହ ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ଆହ୍ୱାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ଡିଏଲ୍ଏସ୍ଏର ସମ୍ପାଦକ ମନୋରଞ୍ଜନ ମିଶ୍ର, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ରାୟଗଡ଼ା ବିଡିଓ ଲକ୍ଷ୍ମୀ ନାରାୟଣ ସାବତ, ଜିଲା ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞସେନୀ ବେହେରା, ଡିଆଇପିଆର୍ଓ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ମୁନିଗୁଡା ବ୍ଲକ କାର୍ଯ୍ୟାଳୟରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ନିରାକରଣ ନିମନ୍ତେ ଗଣ ଶପଥ ସମାରୋହ ଓ ନଗର ପରିକ୍ରମା କରାଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମକୁ ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟର, ସିଡିପିଓ ସୁନୀଲ ପ୍ରଭା ରଥ ଓ ସୁପରଭାଇଜର ଉଦ୍‌ଘାଟନ କରିଥିଲେ।

## ଅଟୋ ସହ ଗଞ୍ଜେଇ ଜବତ, ୫ ଅଟକ

ମୁନିଗୁଡ଼ା, ୧୪।୧୧(ଡି.ଏନ୍.ଏ.)

ରାୟଗଡା ଜିଲା ମୁନିଗୁଡା ରେଲୱେ ଷ୍ଟେଶନସ୍ଥିତ ଅଟୋ ଷ୍ଟାଣ୍ଡରେ ଥିବା ଏକ ଅଟୋରୁ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତି ଥିବା ୫ଜଣଙ୍କୁ ପୋଲିସ ଅଟକ ରଖିଛି। ଏହି ଗଞ୍ଜେଇ କେଉଁ ଜାଗାରୁ ଆଣି କେଉଁଆଡେ ଚାଲାଣ କରାଯାଇଛି ସେ ସମ୍ପର୍କରେ ମୁନିଗୁଡା ପୋଲିସ ତଦନ୍ତ ଜାରି ରଖିଛି। ସୋମବାର ସବିଶେଷ ତଥ୍ୟ ଜଣା ପଡ଼ିବ ବୋଲି ବିଶେଷ ସୁତ୍ରରୁ ଜଣାପଡିଛି।

## ପରିବାର ଅଦାଲତ ତରଫରୁ ଚିତ୍ରାଙ୍କନ ପ୍ରତିଯୋଗିତା

ରାୟଗଡ଼ା ଅଫିସ,୧୪।୧୧

ହାଇକୋର୍ଟଙ୍କ ନିର୍ଦ୍ଦେଶରେ ରାୟଗଡ଼ା ପରିବାର ଅଦାଲତ ପକ୍ଷରୁ ଶିଶୁ ଦିବସ ଉପଲକ୍ଷେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ଦୌରା ଜଜ୍ ବିକ୍ରମ କେଶରୀ ପଟ୍ଟନାୟକ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ରୂପେ ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର ଉପସ୍ଥିତ ରହି ପ୍ରତିଯୋଗୀଙ୍କ ଚିତ୍ରକଳାର ପ୍ରଶଂସା କରିଥିଲେ। ପରିବାର ଅଦାଲତ ଜଜ୍ ଆଶିଷ କୁମାର ତ୍ରିପାଠୀ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ପ୍ରତିମା ପାତ୍ର, ପ୍ରାଧିକରଣର ସମ୍ପାଦକ ମନୋରଞ୍ଜନ ମିଶ୍ର, ସିନିୟର ସିଭିଲ୍ ଜଜ୍ ସତରୁପା ଶତପଥୀ, ବିଚାର




ବିଭାଗୀୟ ମୁଖ୍ୟ ମାନସ ରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରେଷ୍ଠ ୩ ପ୍ରତିଯୋଗୀ ଟି. ସନମୁଖ ପ୍ରଥମ, ଶୀୟା ଟଙ୍କ ଦ୍ୱିତୀୟ ଏବଂ ସାଇ ଆଶ୍ରିତା ପୁରସ୍କୃତ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କ ଚିତ୍ରାଙ୍କନ ହାଇକୋର୍ଟକୁ ପଠାଯିବ। ସେହି ତିନୋଟି ଚିତ୍ର ମଧ୍ୟରୁ ରାଜ୍ୟ ସ୍ତରରେ ଚୟନ କରାଯାଇ ଶ୍ରେଷ୍ଠ ଚିତ୍ର ଆସନ୍ତା ବର୍ଷ ପରିବାର ଅଦାଲତ କ୍ୟାଲେଣ୍ଡରରେ ସ୍ଥାନିତ ହେବ।

## ପାନ୍ ଇଣ୍ଡିଆ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ




ଗୁଣପୁର/ବିଷମକଟକ, ୧୪।୧୧(ଡି.ଏନ୍.ଏ.)

ଗୁଣପୁର ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଅକ୍ଟୋବର ୨ରୁ ଉପଖଣ୍ଡର ଉପାନ୍ତ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚାଲିଥିବା ଆଇନ ସଚେତନତା କାର୍ଯ୍ୟକ୍ରମ ରବିବାର ଶେଷ ହୋଇଛି। ଏହି ଉପଲକ୍ଷେ ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ପ୍ରଭାତ ଫେରି ଗୁଣପୁର କୋର୍ଟରୁ ବାହାରି ରେଳ ଷ୍ଟେଶନ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ଫେରି କୋର୍ଟରେ ପହଞ୍ଚିଥିଲା। ଏଥିରେ ସଂସ୍ଥାର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଜଜ୍ ମାନସ ରଞ୍ଜନ ରଥ, ସବ୍ ଜଜ୍ ସଙ୍ଗୀତା ମଲ୍ଲିକ, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବର୍ଷା ମହାନ୍ତିଙ୍କ ସମେତ ଓକିଲ, ଆଦର୍ଶ ଥାନା ଅଧିକାରୀ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅନନ୍ତ ପାତ୍ର ଉପସ୍ଥିତ ଥିଲେ।

ବିଷମକଟକ ତାଲୁକ ଆଇନ ସେବା କମିଟି ପକ୍ଷରୁ ମଧ୍ୟ ପ୍ରଭାତ ଫେରି ସହର ପରିକ୍ରମା କରାଯାଇଥିଲା। ଏଥିରେ ସରକାରୀ ହାଇସ୍କୁଲର ଛାତ୍ରୀଛାତ୍ର, ଶିକ୍ଷକ, ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷା ତଥା ବରିଷ୍ଠ ଦେୱାନି ବିଚାରପତି ସୁଷମା ସ୍ୱାଇଁ, କର୍ମଚାରୀ ବିପିନ ସାମଲ, ବାର୍ ଆସୋସିଏଶନର ସଭାପତି ଜି. ମନ୍ମଥ ରାଓ, ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦୀପ୍, ନବୀନ ବିକାଶ ଟ୍ରଷ୍ଟର ବାଳମୁକୁନ୍ଦ ପାଢ଼ୀ ଏବଂ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଯୋଗଦାନ କରିଥିଲେ। ପରେ ହାଇସ୍କୁଲରେ ଶିଶୁ ଦିବସ ଉତ୍ସବ ପାଳନ ହୋଇଥିଲା। ବକ୍ତାମାନେ ଶିଶୁ ସମ୍ପର୍କିତ ଆଇନ ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ।

## ରୋଗୀ ସେବାକୁ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ

**ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଅନୁଧ୍ୟାନ କଲେ କେନ୍ଦ୍ରୀୟ ଟିମ୍**

ପଦ୍ମପୁର, କୋଲନରା, ବିଷମକଟକ, ମୁନିଗୁଡ଼ା,୧୪।୧୧(ଡି.ଏନ୍.ଏ.)-

ରାୟଗଡ଼ା ଜିଲାରେ ସ୍ୱାସ୍ଥ୍ୟ ସେବା ଓ ଭିତ୍ତିଭୂମିର ଅନୁଧ୍ୟାନ ନିମନ୍ତେ ଆସିଥିବା କେନ୍ଦ୍ରୀୟ ଟିମ୍ ରବିବାର ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ସେଠାରେ ସେମାନେ ସ୍ୱାସ୍ଥ୍ୟସେବା, ଭିତ୍ତିଭୂମି ତଦାରଖ କରିବା ସହ ବିଭିନ୍ନ ନଥିପତ୍ର ଯାଞ୍ଚ କରିଥିଲେ। ପଦ୍ମପୁର ସ୍ୱାସ୍ଥ୍ୟ ବିଭାଗର ଆନୁଷଙ୍ଗିକ ଭିତ୍ତିଭୂମିକୁ ଦେଖି ଟିମ୍ ଖୁସି ବ୍ୟକ୍ତ କରିବା ସହ ରୋଗୀ ସେବାକୁ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ।

ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାତୃ ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଡା. ଭି. ଗର୍ଗ, ବିମଲେଶ ପୁରୋହିତଙ୍କ ସହ ଟିମ୍ ଆଲୋଚନା କରି ଥିଲେ। ଡାକ୍ତରଖାନାରେ ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ଇନ୍‌ଚାର୍ଜ ସରୋଜ ବିନ୍ଧାଣିଙ୍କୁ ପଚାରି ବୁଝିଥିଲେ। ଏହି ସମୟରେ ରାଜ୍ୟ ଟିମ୍‌ର ସୁଶାନ୍ତ ସ୍ୱାଇଁ ଉପସ୍ଥିତ ଥିଲେ। ସିଡିଏମ୍ଓ ଆର୍ତ୍ତବନ୍ଧୁ ନାୟକ ଏବଂ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ରାମକୃଷ୍ଣ ଧଳ, ଡା. ରତ୍ନପୂର୍ଣ୍ଣା ପଟ୍ଟନାୟକ, ଫାର୍ମାସିଷ୍ଟ ମନୋଜ ସୁଧି, ବିପିଓ ମନୋଜ ପଣ୍ଡା, ହରିଶ୍ଚନ୍ଦ୍ର ପଣ୍ଡା ପ୍ରମୁଖ ଟିମ୍‌କୁ ସହଯୋଗ କରିଥିଲେ। ଅନ୍ୟ ଏକ ଟିମ୍ ଆଖୁସିଂ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଏଥିରେ ଏ.ସି. ମଲ୍ଲିକ, ଦେବଜିତ୍ ବୋରା, ବାସୁଦେବ ରଥ, ଅରବିନ୍ଦ ପରିଡ଼ା, ଡିପିଏଚ୍ଓ ଭି.ଏଲ୍.ଏନ୍. ରାଜୁ ପ୍ରମୁଖ ରହିଥିଲେ।

କୋଲନରା ବ୍ଲକ ଏଲାଗାଁନାପାଡୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। କେନ୍ଦ୍ରୀୟ ଟିମ୍‌ରେ ଡା. ସୁବ୍ରତ ପଣ୍ଡା, ଡା. ଟି. ଅଙ୍କିତା ଏବଂ ରାଜ୍ୟ ଟିମ୍‌ରେ ଦୀପକ ବିଶ୍ୱାଳ, ଜ୍ୟୋତି ଜେନା, ସଞ୍ଜୁକ୍ତା ବାଗ ଏବଂ କୋଲନରା ବ୍ଲକରୁ କଳ୍ପନା ମିଶ୍ର, ଶୁଭଶ୍ରୀ ଦାସ ଥିଲେ। ସ୍ଥାନୀୟ ସେଣ୍ଟରର ସମସ୍ତ ଆଶା ଓ ସ୍ୱାସ୍ଥ୍ୟକର୍ମୀ ଯୋଗମାୟା ସାହୁ ଅଭିପ୍ସା ସାହାଣୀ ଉପସ୍ଥିତ ଥିଲେ।

ବିଷମକଟକ ବ୍ଲକ ଡୁକୁମ ଏବଂ ଡାମୁନି ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ରରେ ବିଭାଗୀୟ ଆସିଷ୍ଟାଣ୍ଟ କମିଶନର ପଦ୍ମିନୀ କାଶ୍ୟପଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ସମୀକ୍ଷା କରିଥିଲେ। ଡୁକୁମଠାରେ ସ୍ୱାସ୍ଥ୍ୟକର୍ମୀ ଜୀବନ ହିୟାଲ ଏବଂ ଏଏନ୍ଏମ୍ ବିଦ୍ୟାବତୀ ନାଗଙ୍କ ସହ ସ୍ୱାସ୍ଥ୍ୟସେବା ବିଷୟରେ ଆଲୋଚନା କରିଥିଲେ।

ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ପରାମର୍ଶଦାତା ସନ୍ତୋଷ ଓଝା, କେନ୍ଦ୍ରୀୟ ସ୍ୱାସ୍ଥ୍ୟ ବିଭାଗ ଆସିଷ୍ଟାଣ୍ଟ କମିଶନର ପଦ୍ମିନୀ କାଶ୍ୟପ ପହଞ୍ଚି ଥିଲେ। ଏହି ସମୟରେ ରାଜ୍ୟ ଟିମ୍, ମୁନିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ କୁମାର, ଡା. ସବ୍ୟସାଚୀ ମହାପାତ୍ର, ବିପିଏମ୍ ତପନ କୁମାର ପଣ୍ଡା, ଏଚ୍ଇଓ ସଂଯୁକ୍ତା ଗମାଙ୍ଗ ଉପସ୍ଥିତ ରହି ସହଯୋଗ କରିଥିଲେ।




ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କେନ୍ଦ୍ର ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟିମ୍ ।

## ଦଳକୁ ସୁଦୃଢ଼ କରିବାକୁ କଂଗ୍ରେସର ସମ୍ମିଳନୀ

ଟିକିରି,୧୪।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ବାଙ୍କାମ୍ବ ପଞ୍ଚାୟତ ସଦରଠାରେ ବ୍ଲକ କଂଗ୍ରେସ ପକ୍ଷରୁ ପ୍ରଫୁଲ୍ଲ ମାଣ୍ଡାଙ୍ଗି ଓ ବୁଧଦେବ ଖୋସଲାଙ୍କ ନେତୃତ୍ୱରେ ଏକ ବୈଠକ ହୋଇଥିଲା। ଏଥିରେ ରାୟଗଡ଼ା ଜିଲା ଏସ୍‌ସି ସେଲ୍ ଅଧ୍ୟକ୍ଷ ରାଜେନ୍ଦ୍ର ଦୁରିଆ ବୈଠକ ପରିଚାଳନା କରିଥିଲେ। ବୈଠକରେ କୋରାପୁଟ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସଦାନନ୍ଦ ନାୟକ, ବ୍ଲକ ସଭାପତି ଅଙ୍ଗଦ ନାୟକ, ଝିଙ୍ଗୁରୁ ମାଝୀ, କାଶୀପୁରର



ଯୁବନେତା ଲେଲି ମାଝି, ଦେବେନ୍ଦ୍ର ରାଓ, ପୁରନ୍ଦର ସିଂ, ବ୍ଲକ ଉପ ସଭାପତି ହଳଧର ନାୟକ,ବିପ୍ର ପୂଜାରୀ, ଅଶୋକ ପ୍ରାସ୍କା ଓ କପିଳେନ୍ଦ୍ର ଟାକ୍ରି ଉପସ୍ଥିତ ରହି ପଞ୍ଚାୟତର ନୂତନ କର୍ମକର୍ତ୍ତା ଚୟନ କରିବା ନିମନ୍ତେ ଆଲଚନା କରିଥିଲେ। ପ୍ରତ୍ୟେକ ଗ୍ରାମର କଂଗ୍ରେସ କର୍ମୀ ଓ ଭୋଟର ଉପସ୍ଥିତ ରହି କର୍ମ କର୍ତ୍ତା ଚୟନ କରିଥିଲେ। ବାଙ୍କାମ୍ବ ପଞ୍ଚାୟତର ନୂତନ ସଭାପତି ପ୍ରଦେଶୀ ମାଝୀ ଏବଂ ସମ୍ପାଦକ ଭାବେ ଅଶୋକ ପ୍ରାସ୍କାଙ୍କୁ ଚୟନ କରାଯାଇଥିଲା। ପଞ୍ଚାୟତରେ ଦଳକୁ କିପରି ତୃଣମୂଳ ସ୍ତରରୁ ସୁଦୃଢ଼ କରାଯାଇପାରିବ ସେ ବିଷୟରେ ନେତାମାନେ ପରାମର୍ଶ ଦେଇଥିଲେ।

## ସୁରଭି ମଞ୍ଚରେ ପ୍ରତିଭା ପ୍ରଦର୍ଶନ



ନବରଙ୍ଗପୁରରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି ।



ରାୟଗଡ଼ାଠାରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଉଛି ।

ନବରଙ୍ଗପୁର (ବି.ପ୍ର.)/ ରାୟଗଡ଼ା ଅଫିସ, ୧୪।୧୧

ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସ୍ଥାନୀୟ ଆର୍‌ସିଡି ନୋଡାଲ ହାଇସ୍କୁଲରେ ପାଳିତ ହୋଇଯାଇଛି। ଉପଜିଲାପାଳ ଭାସ୍କର ରଇତ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ କମଳ ଲୋଚନ ମିଶ୍ର ଯୋଗ ଦେଇଥିଲେ। ପ୍ରତିଯୋଗିତା ମୂଳକ ମନୋଭାବ ଜରୁରୀ। ହାରିବା ଶିଖିଲେ ଆଗକୁ ଆହୁରି ଅଧିକ ଭଲ ପ୍ରଦର୍ଶନ କରି ପ୍ରତିଦ୍ୱନ୍ଦ୍ୱୀକୁ ଜିତିପାରିବ ବୋଲି ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସୁରଭି କାର୍ଯ୍ୟକ୍ରମରେ ରଚନା, ବକ୍ତୃତା, ଚିତ୍ରାଙ୍କନ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୦ଟି ବ୍ଲକର ସୁରଭି କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ପାଇଥିବା ୯୦ ଜଣ କୃତୀ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ଜିଲାସ୍ତରରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଥିବା କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ, ଡିଇଓ ପ୍ରଦୀପ ନାଗ, ଜିଲା ମଙ୍ଗଳ ଅଧିକାରୀ ସ୍ମୃତି ରଞ୍ଜନ ସାମନ୍ତରାୟ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ସମଗ୍ର ଶିକ୍ଷା ଅଭିଯାନ ଯୋଜନା ସଂଯୋଜକ ପ୍ରଦୀପ୍ତ ଷଡ଼ଙ୍ଗୀ, ଜିଲା ଏସ୍‌ଟି ଓ ଏସ୍‌ସି ଶିକ୍ଷା ସଂଯୋଜକ ଜଗଦାନନ୍ଦ ସୁନାରୀ, ସହାୟକ ରାଜେଶ ନାୟକ, ବାଳକୃଷ୍ଣ ସାହୁ, ମମତା ପରିଚ୍ଛା ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

ଶିଶୁ ଦିବସ ଉପଲକ୍ଷେ ରାୟଗଡ଼ା ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସରୋଜ କୁମାର ମିଶ୍ର, ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାର ୧୧ ବ୍ଲକର ୯୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ବକ୍ତୃତା, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। ଜିଲାସ୍ତରୀୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

### ପଞ୍ଚାୟତ ନିର୍ବାଚନ ନେଇ ବିଜେଡିର ପ୍ରସ୍ତୁତି ବୈଠକ

କୋରୁକୋଣ୍ଡା(ଡି.ଏନ. ଏ)- ରବିବାର ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ଶିବମନ୍ଦିର ପ୍ରାଙ୍ଗଣରେ କୋରୁକୋଣ୍ଡା ବ୍ଲକ ବିଜେଡି ପକ୍ଷରୁ ବ୍ଲକର ୧୨ଟି ପଞ୍ଚାୟତର ଶତାଧିକ କର୍ମୀଙ୍କୁ ନେଇ ଏକ ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବଜେଡି ବ୍ଲକ ସଭାପତି ସତ୍ୟ ନାରାୟଣ ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ଜିଲା ସାଙ୍ଗଠନିକ ସମ୍ପାଦକ ନୃସିଂହ ଚରଣ ମହାନ୍ତି, ପ୍ରଭାକର ପ୍ରଧାନ, ଏମ୍‌ପି ପ୍ରତିନିଧି ମଦନ ଖୋସାଲା ଉପସ୍ଥିତ ଥିଲେ। ଏହି ଅବସରରେ ବଜେଡିରେ ନୂତନ ରୂପେ ଯୋଗଦେଇଥିବା ସୁଲତା ମଣ୍ଡଳ,ଦିବାକର ସାବତ, ଉମାଶଙ୍କର ସାହୁଙ୍କ ସମେତ ଅନ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। ଗାଁକୁ ଯାଇ ଦଳକୁ ବ୍ଲକ ସ୍ତରରେ ସୁଦୃଢ଼ କରିବାକୁ ଅତିଥିମାନେ କର୍ମୀଙ୍କୁ ପରାମର୍ଶ ଦେଇଥିଲେ।

## ସଂକ୍ଷେପରେ

### ଶହେ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ, ଜଣେ ଗିରଫ



ବୈପାରିଗୁଡା,୧୪।୧୧ (ଡି.ଏନ.ଏ.)- ବୈପାରିଗୁଡା ପୋଲିସ୍ ପକ୍ଷରୁ ଶହେ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରାଯାଇ ଏଥିରେ ସଂପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ରବିବାର କୋର୍ଟଚାଲାଣ କରାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ଜୟପୁର ଏସଡିପିଓ ଅରୂପ ଅଭିଷେକ ବେହେରା ଓ ଥାନା ଅଧିକାରୀ ଈଶ୍ୱର ଟାଣ୍ଡି ସୂଚନା ଦେଇଛନ୍ତି। ଗଞ୍ଜେଇ ବୋଝେଇ ପିକ୍ ଅପ୍ ଭ୍ୟାନ (ନଂ. ଓଡି ୧୦ ଏଚ୍ ୭୧୪୨)ରେ ଗଞ୍ଜେଇ ଅସୁଥିବା ଖବର ପାଇ ଶନିବାର ରାତିରେ ରାମଗିରିଠାରେ ପୋଲିସ ଜଗି ରହିଥିଲା। ଭ୍ୟାନକୁ ଅଟକାଇ ତଲାସି ବେଳେ ଉପରୋକ୍ତ ପରିମାଣରର ଗଞ୍ଜେଇ ମିଳିଥିଲା। ଅଭିଯୁକ୍ତ ଡ୍ରାଇଭର ସୁଦର୍ଶନ ଖେମୁଣ୍ଡୁଙ୍କୁ ଗିରଫ କରାଯାଇଥିଲା। ତାଙ୍କ ଘର ମାଲକାନାଗିରି ଜିଲାରେ। ଭ୍ୟାନକୁ ମଧ ଜବତ କରାଯାଇଛି। ସୂଚନାଯୋଗ୍ୟ, ଉକ୍ତ ଭ୍ୟାନଟି ଗଞ୍ଜେଇ ଧରି କୋଟପାଡ ଅଭିମୁଖେ ଯାଉଥିଲା ।

### କାଠ ଜବତ ନେଇ ମାନିଲେ ବନାଞ୍ଚଳ ଅଧିକାରୀ

ବୈପାରିଗୁଡା,୧୪।୧୧ (ଡି.ଏନ୍.ଏ.)- ଚୋରାରେ କାଠପଟା ଚାଲାଣ କରିବା ଅଭିଯୋଗରେ ବୈପାରିଗୁଡା ବନ ବିଭାଗ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେହେଲେ ପପୁନ ଗୌଡ । ତାଙ୍କ ଘର ଜୟପୁର ସଦର ଥାନା ଅନ୍ତର୍ଗତ ଫାମ୍ପୁଣି ଗ୍ରାମରେ ବୋଲି ବନାଞ୍ଚଳ ଅଧିକାରୀଙ୍କ ଦିବ୍ୟା ମାଧୁରୀ ସେଠୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗୁରୁବାର ପୋଲିସ ଚୋରାଚାଲାଣ ବେଳେ କାଠପଟ୍ଟା ଜବତ କରି ଅଭିଯୁକ୍ତ ଏବଂ କାଠପଟ୍ଟା ବନ ବିଭାଗକୁ ହସ୍ତାନ୍ତର କରିଥିଲା। ତେବେ ଏନେଇ ସେତେବେଳେ ବନାଞ୍ଚଳ ଅଧିକାରୀଙ୍କ ସେଠୀଙ୍କୁ ପଚାରିବାରୁ ସେ ଏହାକୁ ମାନି ନ ଥିଲେ। ପୋଲିସ ଓ ବନାଞ୍ଚଳ ଅଧିକାରୀଙ୍କ ମତରେ ତାଲମେଳ ରହୁ ନ ଥିଲା। ଏନେଇ ୧୩ ତାରିଖ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବନାଞ୍ଚଳ ଅଧିକାରୀ ସେଠୀ ଏହାକୁ ସ୍ୱୀକାର କରିବା ସହ ଜବତ ପଟ୍ଟା ଗ୍ରହଣ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛନ୍ତି।

### କଂଗ୍ରେସର ମିଶ୍ରଣ ପର୍ବ

କୋରୁକୋଣ୍ଡା ୧୪।୧୧(ଡି.ଏନ. ଏ) ମାଲକାନଗିରି ଜିଲାରେ ପଞ୍ଚାୟତ ନିର୍ବାଚନ ନେଇ ସବୁଦଳ ନିଜ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। କଂଗ୍ରେସ ମଧ ଦଳକୁ ସୁଦୃଢ଼ କରିବା ପାଇଁ ଅଣ୍ଟା ଭିଡିଛି। ଜିଲାର ବିଭିନ୍ନ ବ୍ଲକରେ ମିଶ୍ରଣ ପର୍ବ କରି ଦଳ ନିଜକୁ ମଜଭୁତ କରିବାରେ ଲାଗିଛି। ରବିବାର କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ କାମୱାଡା ପଞ୍ଚାୟତରେ କଂଗ୍ରେସର କର୍ମୀ ସମ୍ମିଳନୀ ସହ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ବିଭିନ୍ନ ସ୍ଥାନରୁ ଶତାଧିକ ବିଜେଡି ଓ ଭାଜପା କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, କୋରକୋଣ୍ଡା ବ୍ଲକ କଂଗ୍ରେସ ସଭାପତି ବିନାୟକ ପାତ୍ର, ପାଟ୍ରୋଲ ସରପଞ୍ଚ ଭିମା ବାର୍ଷେ, ସୋମନାଥପୁର ସରପଞ୍ଚ ମଙ୍ଗୁ ଖିଲଙ୍କ ସମେତ ଅନ୍ୟମାନେ କଂଗ୍ରେସରେ ସାମିଲ ହୋଇଛନ୍ତି।

### ପରାମର୍ଶ ଶିବିର, ନିଯୁକ୍ତି ମେଳା



ପଡିଆ, ୧୪।୧୧(ଡି.ଏନ.ଏ.)- ଦକ୍ଷତା ବିକାଶ ଓ ବୈଷୟିକ ବିଭାଗ ପକ୍ଷରୁ ମାଲକାନଗିରି ଜିଲା ପଡିଆ ବ୍ଲକରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ତଥା ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ନିୟୋଜନ କାର୍ଯ୍ୟାଳୟ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ୨ଶହରୁ ଉର୍ଦ୍ଧ୍ୱ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଡେପୁଟି କଲେକ୍ଟର ଧ୍ରୁବ ମୁଦୁଲି ଓ ସମ୍ମାନିତ ଅତିଥି ଭାବେ ପଡିଆର ରଘୁନାଥ ମୁଣ୍ଡାରି, ପଞ୍ଚାୟତ ସମିତି ଅଧକ୍ଷ ଦେବା ମାଡକାମୀ, ବିଧାୟକ ପ୍ରତିନିଧି କୋଟମ ବାଲାୟା, ଜିଲା ନିୟୋଜନ ଅଧିକାରୀ ମନସ୍ୱିନୀ ସେଠୀ, ଶାଶ୍ୱତୀ ରାଉତ, ଡିସି ଜିତେନ୍ଦ୍ର ପାତ୍ର, ଏସ୍‌ଡିସି ରତନ ଗୋଲଦାର ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଚଳର ୨୨୪ ଜଣ ଯୁବତୀଯୁବକଙ୍କୁ ବିଭିନ୍ନ ଟ୍ରେଡ୍‌ରେ ଜଡିତ କରାଯାଇଛି। ଦକ୍ଷତା ବିକାଶରେ ଉତ୍କୃଷ୍ଟତା ପାଇଁ ପଡ଼ିଆ ପଞ୍ଚାୟତ ସ୍ତରୀୟ ସଂଘ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଶକ୍ତୀକରଣ କ୍ଷେତ୍ରରେ ଉତ୍ତମ କାର୍ଯ୍ୟ ପାଇଁ ସିଆର୍‌ପି ଚମ୍ପା ବିଶ୍ୱାସଙ୍କୁ ସମ୍ମାନିତ କରାଯାଇଥିଲା। ବିପିଏମ୍ ଅନୁପ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିଶୁଙ୍କ ପ୍ରତି ଅନ୍ୟାୟକୁ ଜିଲା ପ୍ରଶାସନ ବରଦାସ୍ତ କରିବ ନାହିଁ

**ଜିଲାସ୍ତରୀୟ ଶିଶୁଦିବସ**

ମାଲକାନଗିରି,୧୪।୧୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ଡିଆରଡିଏ ସମ୍ମିଳନୀ କକ୍ଷରେ ରବିବାର ଜିଲା ଶିଶୁ ସୁରକ୍ଷା ପ୍ରକଳ୍ପ ଅଧିକାରୀ ନାରାୟଣ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଶିଶୁ ଦିବସ ଓ ପୋଷ୍ୟ ସନ୍ତାନ ଗ୍ରହଣ ମାସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରକଳ୍ପ ନିର୍ଦ୍ଦେଶକ ବାଲମୁକୁନ୍ଦ ଭୂୟାଁ, କିଶୋର ନ୍ୟାୟ ବୋର୍ଡର ପ୍ରଧାନ ବିଚାରପତି କୃଷ୍ଣଚନ୍ଦ୍ର ନାୟକ, ଶିଶୁ ମଙ୍ଗଳ କମିଟି ଅଧକ୍ଷ ଅଶୋକ ପଟ୍ଟନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୌଦାମିନୀ ପ୍ରଧାନ, ଜିଲା ଶ୍ରମ କମିଶନର ମଦନମୋହନ ପାଇକ, ସାମାଜିକ କର୍ମୀ ଦୁର୍ଯ୍ୟୋଧନ ପାତ୍ର, ଶିଶୁ ଗୃହ ନିର୍ଦ୍ଦେଶକ ନିତ୍ୟାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶିଶୁ ଗୃହ ସହ ବିଭିନ୍ନ ଅନୁଷ୍ଠାନରେ ରହିଥିବା ଶିଶୁମାନେ ଅଂଶଗ୍ରହଣ କରିଥିଲେ। ବିଶେଷ କରି ବଣ୍ଡା ଜନଜାତିର ଶିଶୁମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କୁଇଜ୍ ପ୍ରତି ଯୋଗିତାରେ ସଫଳତା ହାସଲ କରିଥିଲେ। ଶିଶୁମାନଙ୍କ ପ୍ରତି କୌଣସି ଅନ୍ୟାୟକୁ ଜିଲା ପ୍ରଶାସନ ବରଦାସ୍ତ କରିବନାହିଁ। ସେମାନଙ୍କ ମଙ୍ଗଳ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ପିଡି, ଡିଆରଡିଏ ଭୂୟାଁ ଏବଂ କିଶୋର ନ୍ୟାୟ ବୋର୍ଡର ପ୍ରଧାନ ବିଚାରପତି ନାୟକ ପ୍ରକାଶ କରିଥିଲେ। ମାଲକାନଗିରି ଜିଲାରୁ ଅଧିକାଂଶ ମାତାପିତା ଛେଉଣ୍ଡ ଶିଶୁଙ୍କୁ ଦେଶ ଓ ବିଦେଶର ଅନେକ ବ୍ୟକ୍ତି ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରି ସେମାନଙ୍କ ସମସ୍ତ ଦାୟିତ୍ୱ ନେଇଥିବାରୁ ଏହି ପିଲାମାନେ ନିଜ ମାତାପିତାଙ୍କୁ ହରାଇବାର ଦୁଃଖ ଭୁଲିଯାଇ ଭବିଷ୍ୟତରେ ସେମାନେ ଭଲ ନାଗରିକ ହେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଆଇନ ପରାମର୍ଶଦାତା ସତ୍ୟଜିତ ପଣ୍ଡା ଧନ୍ୟବାଦ ଦେଇଥିଲେ। ସେହିପରି ଆଜି ଜିଲା ଜଜ୍‌କୋର୍ଟରେ ଅର୍ଫାନ ଶିଶୁମାନଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତି ଯୋଗିତା ହୋଇଥିଲା।



ଶିଶୁଦିବସ କାର୍ଯ୍ୟକ୍ରମରେ ଶିଶୁମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ସୁରଭି କାର୍ଯ୍ୟକ୍ରମରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ନୃତ୍ୟ, ଗୀତ ସହ ସଙ୍ଗୀତରେ ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

**ଜିଲାସ୍ତରୀୟ ସୁରଭି-୨୦୨୧**

କୋରାପୁଟ,୧୪।୧୧(ସ୍ୱ.ପ୍ର.)

କୋରାପୁଟସ୍ଥିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟଠାରେ ରବିବାର ଜିଲାସ୍ତରୀୟ ସୁରଭି–୨୦୨୧ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲା ଶିକ୍ଷା ମଣ୍ଡଳ ଅଧୀନରେ ଥିବା ୧୪ଟି ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ କୃତକାର୍ଯ୍ୟ ହୋଇଥିବା ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଏହି ଜିଲାସ୍ତରୀୟ ସୁରଭିରେ ଯୋଗଦେଇ ସେମାନଙ୍କ ବିଭିନ୍ନ କଳା ପରିବେଷଣ କରିଥିଲେ। ଚଳିତ ବର୍ଷ କୋରନା କଟକଣା ଯୋଗୁ ଶିଶୁ ଦିବସରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ବନ୍ଦ କରାଯାଇଥିବାବେଳେ ପ୍ରତି ଜିଲାର ସଦର ମହକମାରେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଛି ବୋଲି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନି, ସେମିଳିଗୁଡା ବ୍ଲକ ଶିକ୍ଷା ଅଧିକାରୀ ଚାମେଲି ମଜୁମଦାର, ବନ୍ଧୁଗାଁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ମିଶ୍ର, ଦଶମନ୍ତପୁର ବ୍ଲକ ଶିକ୍ଷା ଅଧିକାରୀ ଦୟାସିନ୍ଧୁ ବାଘ, ଲକ୍ଷ୍ମୀପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ବେହେରା, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ସାହୁ, ସର୍ବଶିକ୍ଷା ଅଭିଯାନର ବୈଷୟିକ ପରାମର୍ଶଦାତା ଭେଙ୍କେଟେଶ୍ୱର ମିଶ୍ର, ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ରଚନା, ଚିତ୍ରାଙ୍କନ, ଦେଶପ୍ରେମ ବୋଧକ ନୃତ୍ୟ, ସଙ୍ଗୀତ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ଜିଲା ଶିକ୍ଷା ଅଧିକାରୀ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଜିଲା ସଂଯୋଜକ ଶୁଭେନ୍ଦୁ ବାରିକ, ରମେଶ ଚନ୍ଦ୍ର ସାହୁ, ଧରଣୀଧର ରଣା ପ୍ରମୁଖ ପରିଚାଳନା କରିଥିଲେ ।

## ଶିଶୁର ଚିନ୍ତନ, ଅଭିବ୍ୟକ୍ତିକୁ ଅଣଦେଖା କରା ନ ଯାଉ

**ଆକାଶବାଣୀ ଜୟପୁର କେନ୍ଦ୍ରର 'ଆମେ ସବୁ ଟିକି ଫୁଲ' କାର୍ଯ୍ୟକ୍ରମ**

ଜୟପୁର,୧୪।୧୧ (ନି.ପ୍ର.)

ନଭେମ୍ବର ୧୪ ଶିଶୁଦିବସ ପରିପ୍ରେକ୍ଷୀରେ ଆକାଶବାଣୀ ଜୟପୁରକେନ୍ଦ୍ର ପକ୍ଷରୁ ପୂର୍ବାହ୍ନ ୧୧.୩୦ରୁ ୧୨.୩୦ ମିନିଟ ପର୍ଯ୍ୟନ୍ତ ପ୍ରସାର ହୋଇଛି 'ଆମେ ସବୁ ଟିକି ଫୁଲ' କାର୍ଯ୍ୟକ୍ରମ। କେନ୍ଦ୍ର ମୁଖ୍ୟ ଗୌର ଚନ୍ଦ୍ର ତ୍ରିପାଠୀ ଏହି ଭର୍ଚୁଆଲ କାର୍ଯ୍ୟକ୍ରମର ପରିକଳ୍ପନା ଓ ପ୍ରଯୋଜନା କରିଥିଲେ। ଉଦ୍‌ଘୋଷିକା ଦମୟନ୍ତୀ ବୋଇକାର ପ୍ରସ୍ତୁତି କରିଥିବା ବେଳେ ସୁରଭି ମହାପାତ୍ର ଓ ମିନତିରାଣୀ ନନ୍ଦ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ, ଯେପରିକି ଶିଶୁ ବିଶେଷଜ୍ଞ, ଶିଶୁ ସୁରକ୍ଷା ଅଧିକାରୀ, ଉଚ୍ଚସ୍ତରୀୟ ପୋଲିସ କର୍ମଚାରୀ, ଆଇନଜୀବୀ, ଲୋକପ୍ରତିନିଧି, ବୁଦ୍ଧିଜୀବୀ ଏବଂ ଅନେକ ଶିଶୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ରହି ଫୋନ ଯୋଗେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶିଶୁର ଅଧିକାର ଏବଂ ସୁରକ୍ଷିତ ଭବିଷ୍ୟତ ସମ୍ପର୍କରେ ବିଶେଷଜ୍ଞମାନେ ମତ ଦେଇଥିଲେ। ଶିଶୁଟିଏ ବୋଲି ତା'ର ଚିନ୍ତନ ଓ ଅଭିବ୍ୟକ୍ତିକୁ ଅଣଦେଖା ନ କରି ତାକୁ ଗୁରୁତ୍ୱ ଦେଇ ତା'ର ଆତ୍ମ ସମ୍ମାନ ଓ ବ୍ୟକ୍ତିତ୍ୱ ବିକାଶର ପଥ ସୁଗମ କରିବା ଉଚିତ। ବିଶେଷକରି ବର୍ତ୍ତମାନ ସମୟରେ ଶିଶୁଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ସତର୍କ ଆଉ ସଚେତନ ରହିବା ନିହାତି ଆବଶ୍ୟକ ବୋଲି ଅତିଥି, ବିଶେଷଜ୍ଞମାନେ ମତ ରଖିଥିଲେ।

## ବେଲ୍ଟ ପରୀକ୍ଷାରେ କରାଟେ ଛାତ୍ରୀଛାତ୍ରଙ୍କ ସଫଳତା



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

ସୁନାବେଡ଼ା,୧୪।୧୧(ସ୍ୱ.ପ୍ର.)

ସେମିଳିଗୁଡା ଏବଂ ସୁନାବେଡା ସିଟୋରିୟ କରାଟେ ସ୍କୁଲ ଛାତ୍ରୀଛାତ୍ରମାନେ ସେମିଳିଗୁଡାର ଫିଟ କିଡ୍ସ ଏକାଡେମୀରେ ବେଲ୍ଟ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷା ଅଲ୍ ଇଣ୍ଡିଆ ମାୱତେକା କରାଟେ ସ୍କୁଲର ମୁଖ୍ୟ ହାନ୍ସି ଜେଏସ କଲାଇମଣି ଅନ୍‌ଲାଇନ ଦ୍ୱାରା ପରୀକ୍ଷା କରିଥିଲେ। ଏହି ପରୀକ୍ଷାରେ ଏ.ହାର୍ସିତାଙ୍କୁ ଏଲ ବେଲ୍ଟ, ଏମ.ଭେଙ୍କଟ ସାଇ ଓ ନିସ୍କାର୍ଷ ଉପାଧ୍ୟାଙ୍କୁ ଅରେଞ୍ଜ ବେଲ୍ଟ, ଆରାଧ୍ୟା ପତି, ପୁନମ ହନ୍ତାଳ, ଶିବାଶିଷ ପାଙ୍ଗୀ ଓ ଯାଶ୍ରାଜ ପାଢ଼ୀଙ୍କୁ ସିନିୟର ଗ୍ରୀନ ବେଲ୍ଟ, ସାଇଶ୍ରୀ ପ୍ରିୟାନ୍ସି ଦୀକ୍ଷିତ୍ ଓ ଆଖାନ ପତିଙ୍କୁ ଜୁନିୟର ବ୍ରାଉନ ବେଲ୍ଟ, ପ୍ରତୀକ୍ଷା ବେହୁରା, ଲିପ୍ସିତା ପାଙ୍ଗୀ ଓ ଟି.ସାଗର ସେନାପତିଙ୍କୁ ସିନିୟର ବ୍ରାଉନ ବେଲ୍ଟ ପାଇଁ ସଫଳତା ମିଳିଛି। ସମ୍ପୂର୍ଣ୍ଣା ଦାସ, ଟି.ସାଗରିକା ସେନାପତି, ଆଦିତ୍ୟ ସାହୁ, ଆୟୁଷ୍ମାନ ଛତ୍ରାଇ ଓ ଶିଖି କୁମାର ପାତ୍ର ବ୍ଲାକ ବେଲ୍ଟ ଫାଷ୍ଟ ଡାନ ପାଇଛନ୍ତି। ସଂଯୁକ୍ତା ସାହୁ, ଏଲ.ପ୍ରଦୀପ ପାତ୍ର, ଡ. ରାଜେନ୍ଦ୍ର ପାତ୍ର, ଅମିତ୍ ଅଗ୍ରୱାଲ, ବିଜୟ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ବେଲ୍ଟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ସଫଳତାରେ ସିଟୋରିୟ କରାଟେ ସ୍କୁଲର ମୁଖ୍ୟ ପ୍ରଶିକ୍ଷକ କିୟସି ଆନନ୍ଦ ମୌଳି ପଟ୍ଟନାୟକ ଖୁସିବ୍ୟକ୍ତ କରଛନ୍ତି।

## ମହିଳାଙ୍କୁ ବିଷ ଦେଇ ସ୍ୱାମୀ, ଶାଶୁ, ପ୍ରେମିକା ମାରିଦେଲେ

ମାଲକାନଗିରି,୧୪।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା ଏମ୍‌ଭି–୪୦ ଗ୍ରାମରେ ସ୍ତ୍ରୀଙ୍କୁ ବିଷ ଦେଇ ସ୍ୱାମୀ, ଶାଶୁ ଓ ସ୍ୱାମୀଙ୍କ ପ୍ରେମିକା ମିଶି ହତ୍ୟା କରିବା ପରି ଅଭାବନୀୟ ଘଟଣା ଘଟିଛି। ଏନେଇ ବାପଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଖବରରୁ ଜଣାପଡିଛି ଏହି ଗ୍ରାମର ସମୀର ମଣ୍ଡଳଙ୍କୁ ଏମ୍‌ଭି ୫୭ ଗ୍ରାମର ଆଶା ମଣ୍ଡଳ ୧୦ ବର୍ଷ ପୂର୍ବେ ବିବାହ କରିଥିଲେ। ଗତ କିଛିବର୍ଷ ହେଲା ସମୀର ଉକ୍ତ ଗ୍ରାମର ଜଣେ ମହିଳାଙ୍କ ସହ ପ୍ରେମ ସମ୍ପର୍କ ରଖି ଆସୁଥିଲେ। ଏହାକୁ ନେଇ ସମୀର ଓ ଆଶାଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା ସମୀରଙ୍କ କାର୍ଯ୍ୟକୁ ଆଶା ବିରୋଧ କରି ଆସୁଥିଲେ। ଶନିବାର ରାତିରେ ସମୀର ଏବଂ ତାଙ୍କ ପ୍ରେମିକା ଘରେ କଥା ହେଉଥିବା ଆଶା ଦେଖିବା ପରେ ଏହାକୁ ନେଇ ଆଶା ଓ ସମୀରଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ସମୀର ରାଗିଯାଇ ଆଶାଙ୍କୁ ମାଡ ମାରିଥିଲେ। ପରେ ସମୀର, ତାଙ୍କ ମା' ଓ ପ୍ରେମିକା ମିଶି ଆଶାଙ୍କୁ ବିଷ ପିଆଇ ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଆଶା ଗୁରୁତର ହୋଇପଡିଥିବା ଖବର ପାଇ ତାଙ୍କ ବାପଘର ଲୋକେ ଆସି ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଶାଙ୍କ ମୃତ୍ୟୁ ହୋଇଯାଇଥିଲା। ଏନେଇ ଆଶାଙ୍କ ବାପଘର ଲୋକେ କାଲିମେଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ୨୭୫/୨୧ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ୨ ସ୍ଥାନରୁ ଗଞ୍ଜେଇ ଗଛ ନଷ୍ଟ କଲା ପୋଲିସ

ମାଲକାନଗିରି/କୋରୁକୋଣ୍ଡା/ଚିତ୍ରକୋଣ୍ଡା, ୧୪।୧୧(ଡି.ଏନ. ଏ.)

ମାଲକାନଗିରି ଜିଲା ଓର୍କେଲ ପୋଲିସ ମୁଣ୍ଡାଗୁଡା ଓ ଡାବୁଗୁଡା ଗ୍ରାମ ନିକଟରେ ଚଢାଉ କରି ୬୫ ଏକର ଜଙ୍ଗଲ ଜମିରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷକୁ ନଷ୍ଟ କରିଛି। ପୋଡି ନଷ୍ଟ କରାଯାଇଥିବା ଗଞ୍ଜେଇ ଗଛର ବଜାର ମୂଲ୍ୟ ୧କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ଚିତ୍ରକୋଣ୍ଡା ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ ସୂଚନା ଦେଇଛନ୍ତି। ଥାନା ଅଧିକାରୀ ଜୋନ ଖଜୁରଙ୍କ ନେତୃତ୍ୱରେ ଏଏସ୍‌ଆଇ ବିଭୂତି ସୂତାରଙ୍କ ସହ ପୋଲିସ କର୍ମଚାରୀମାନେ ଚଢାଉରେ ସାମିଲ ହୋଇଥିଲେ। ସେହିପରି ଖଇରପୁଟ ବ୍ଲକର ମୁଦୁଲିପଡା ଥାନା ଅଧିକାରୀ କମଳକାନ୍ତ ବସନ୍ତ କୁମାର କହଁର ଏବଂ ତହସିଲଦାର ରାମ କୃଷ୍ଣ ନାୟକଙ୍କ ନେତୃତ୍ୱରେ ଏକ ଟିମ ଚଢାଉ କରି ଉକ୍ତ ଅଞ୍ଚଳରେ ୪୬ ଏକର ଜଙ୍ଗଲ ଜମିରେ ହୋଇଥିବା ଗଞ୍ଜେଇ ଚାଷ ନଷ୍ଟ କରି ଦେଇଛନ୍ତି। ପୋଲିସ କର୍ମଚାରୀଙ୍କ ଦ୍ୱାରା ପ୍ରାୟ ୬୫ ହଜାର ଗଞ୍ଜେଇ ଗଛ ନଷ୍ଟ ହୋଇଛି। ଚିତ୍ରକୋଣ୍ଡା ପୋଲିସର ଏକ ଟିମ ମଧ ଚିତ୍ରକୋଣ୍ଡା ବ୍ଲକ ବଡ଼ପଦର ପଞ୍ଚାୟତର ବନଗୁରୁ, ରେଖାପଲି ଅଞ୍ଚଳରେ ଚଢ଼ାଉ କରି ବେଆଇନ ଭାବେ ୬୦ ଏକର ଜମିରେ ଲଗାଯାଇଥିବା ୮୪ ହଜାର ଗଞ୍ଜେଇ ଗଛ ନଷ୍ଟ କରି ପୋଡି ଦେଇଛି। ଏହାର ଆନୁମାନିକ ମୂଲ୍ୟ ୮ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।



କୋରୁକୋଣ୍ଡାର ମୁଣ୍ଡାଗୁଡା ଓ ଡାବୁଗୁଡା ଗ୍ରାମ ନିକଟରେ ଓର୍କେଲ ପୋଲିସ ଗଞ୍ଜେଇ ଗଛ ନଷ୍ଟ କରୁଛି।

## ମାଓବାଦୀ ଦମନ ନେଇ ଓଡ଼ିଶା-ଆନ୍ଧ୍ରର ସ୍ୱତନ୍ତ୍ର ରଣନୀତି 'ଦମନ'

- ଚିତ୍ରକୋଣ୍ଡାରେ କାର୍ଯ୍ୟ କରିବ ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗ
- ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ ବ୍ୟବହାର ହେବ
- ସ୍ୱାଭିମାନ ଅଞ୍ଚଳରେ ପଞ୍ଚାୟତ ନିର୍ବାଚନକୁ ହିଂସାମୁକ୍ତ କରିବାକୁ ଗୁରୁତ୍ୱ

ମାଲକାନଗିରି, ୧୪।୧୧(ଡି.ଏନ୍.ଏ.)

ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇଏସ ଜଗନମୋହନ ରେଡ୍ଡି ଓଡ଼ିଶା ଗସ୍ତରେ ଆସିଥିବା ବେଳେ ମାଲକାନଗିରି ପୋଲାଭରମ ପ୍ରକଳ୍ପ ସମେତ ଆନ୍ଧ୍ର ଓଡ଼ିଶା ସୀମାନ୍ତ ମାଲକାନଗିରି ଜିଲାରେ ମାଓବାଦୀ ଦମନ ନେଇ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା। ଏବେ ଏନେଇ ଉଭୟ ରାଜ୍ୟ ମିଳିତ ଭାବେ ରଣନୀତି ପ୍ରସ୍ତୁତ କରୁଛନ୍ତି। ମାଓବାଦୀଙ୍କୁ ଦମନ ପାଇଁ ଆରମ୍ଭ ହେବାକୁ ଯାଉଛି 'ଦମନ'। ଦମନର ରୂପରେଖ କିପରି ହେବ ସେନେଇ ତିଆରି ସରିଲାଣି ବ୍ଲୁ-ପ୍ରିଣ୍ଟ।

ମାଲକାନଗିରି ଜିଲା ସୀମାକୁ ଲାଗି ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲା, ପୂର୍ବ ଗୋଦାବରୀ ଜିଲା, ତେଲେଙ୍ଗାନାର ଭଦ୍ରାଦ୍ରି ଜିଲାର ପୋଲିସ ବାହିନୀକୁ ନେଇ ସ୍ୱତନ୍ତ୍ର ଭାବେ ଏକ 'ଦମନ' ବାହିନୀ ଗଠନ କରାଯିବ । ଏଥିରେ ଆନ୍ଧ୍ର ଓ ଓଡ଼ିଶାର ଯବାନ ନିୟୋଜିତ ହେବେ। ଏନେଇ ଚିତ୍ରକୋଣ୍ଡାଠାରେ ସ୍ୱତନ୍ତ୍ର ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗ କାର୍ଯ୍ୟ କରିବ । ଆବଶ୍ୟକସ୍ଥଳେ ବାୟୁସେନାର ହେଲିକପ୍ଟର ନିୟୋଜିତ କରାଯାଇ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ ବ୍ୟବହାର କରାଯିବ । ସ୍ୱତନ୍ତ୍ର ଭାବେ ଏକ କାର୍ଯ୍ୟାଳୟ ଖୋଲାଯାଇ ଅତ୍ୟାଧୁନିକ ସାଟେଲାଇଟ, କ୍ୟାମେରା, ଅସ୍ତ୍ରଶସ୍ତ୍ର ରଖାଯିବା ବ୍ୟବସ୍ଥା ହେବ। ଉଭୟ ରାଜ୍ୟର ୨ ହଜାର ଯବାନଙ୍କୁ ଏହି ଅପରେଶନରେ ସାମିଲ କରାଯିବ। ପ୍ରଥମ ପର୍ଯ୍ୟାୟରେ ସ୍ୱାଭିମାନ ଅଞ୍ଚଳର ୪ ଏବଂ ଆନ୍ଧ୍ରର ୨ପଞ୍ଚାୟତରେ ଉଭୟ ରାଜ୍ୟ ପକ୍ଷରୁ ମିଳିତ ଭାବେ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ହୋଇଛି। ସ୍ୱାଭିମାନ ଅଞ୍ଚଳରେ ଡିସେମ୍ବରରୁ ପୋଲିସ ଛାଉଣି କରାଯିବ। ବିଶେଷ କରି ସ୍ୱାଭିମାନ ଅଞ୍ଚଳରେ ଆଉ କିଛି ମାସ ମଧ୍ୟରେ ପଞ୍ଚାୟତ ନିର୍ବାଚନ ହେବ। ପଞ୍ଚାୟତ ନିର୍ବାଚନରେ ମାଓବାଦୀମାନେ ଯେପରି ବାଧକ ନ ସାଜନ୍ତି ସେଥିପାଇଁ ଗୁରୁତ୍ୱାରୋପ କରାଯାଇଛି। ମାଓବାଦୀଙ୍କ ଭୟରେ ସ୍ୱାଭିମାନ ଅଞ୍ଚଳର ୧୮ଟି ପଞ୍ଚାୟତରେ ୨୦୧୭ରେ ପଞ୍ଚାୟତ ନିର୍ବାଚନ ହୋଇ ପାରି ନ ଥିଲା। ତେବେ ବର୍ତ୍ତମାନ ଏଠାକାର ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ରହିଛି। ମାଓବାଦୀଙ୍କ ଗଡ଼ କୁହାଯାଉଥିବା ଜୋଡାମ୍ବ, ପାପରମେଟଲା, ହନ୍ତାଲଗୁଡା ଅଞ୍ଚଳରେ ବିଏସ୍‌ଏଫ ପକ୍ଷରୁ କ୍ୟାମ୍ପ ପ୍ରତିଷ୍ଠା ହୋଇଛି। ପୋଲିସ ଉପରେ ଲୋକଙ୍କ ଆସ୍ଥା ବଢ଼ିଛି। ଏହା ସତ୍ତ୍ୱେ ଆନ୍ଧ୍ର ଓଡ଼ିଶା ସୀମାନ୍ତ ମାଓବାଦୀ ସଙ୍ଗଠନର ଛାମୁଆ ବାହିନୀ କୁହାଯାଉଥିବା ଗୁମ୍ମା ଆଞ୍ଚଳିକ ବାହିନୀ, କୋରୁକୋଣ୍ଡା ମାଓବାଦୀ ସଙ୍ଗଠନ ଓ ମାଲକାନଗିରି, କୋରାପୁଟ, ବିଶାଖାପାଟଣା ମାଓବାଦୀ ସଙ୍ଗଠନ ମିଳିତ ଭାବେ ସ୍ୱାଭିମାନ ଅଞ୍ଚଳରେ ନିଜ ଉପସ୍ଥିତି ଜାହିର କରିବା ପାଇଁ ନିଜ ରଣକୌଶଳ ଆରମ୍ଭ କରି ଦେଇଛନ୍ତି। ଏହା ଉଭୟ ରାଜ୍ୟର ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଫଳରେ ମାଓବାଦୀ ସଙ୍ଗଠନକୁ ସମ୍ପୂର୍ଣ୍ଣ ମୂଳପୋଛ କରିବାକୁ ଅଣ୍ଟା ଭିଡିଛନ୍ତି ଆନ୍ଧ୍ର ଓ ଓଡ଼ିଶା ସରକାର।

### 'ନେହେରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ଯୁବପିଢ଼ି'



କୋରାପୁଟ,୧୪।୧୧(ସ୍ୱ.ପ୍ର.)– ନେହେରୁ ଯୁବକେନ୍ଦ୍ର ସଙ୍ଗଠନ କୋରାପୁଟ ଶାଖା ପକ୍ଷରୁ ରବିବାର ଜିଲାସ୍ତରୀୟ ପ୍ରତିଷ୍ଠା ଦିବସ ମହାଦେଇପୁଟ ପଞ୍ଚାୟତର ପଣସପୁଟଠାରେ ପାଳିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ପାର୍ବତୀ ମନ୍ତ୍ରି ମୁଖ୍ୟଅତିଥି ଭାବେ ଯୋଗଦେଇ ସଙ୍ଗଠନର ସ୍ୱେଚ୍ଛାସେବୀମାନେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇ ଯୁବବର୍ଗ ସମାଜସେବାରେ ନିଜକୁ ନିୟୋଜିତ କରିବାକୁ ଆହ୍ୱାନ ଦେଇଥିଲେ। ଜାତୀୟ ସେବା ଯୋଜନାର ଜିଲା କାର୍ଯ୍ୟକ୍ରମ ଅଧିକାରୀ କିଶୋର ଚନ୍ଦ୍ର ବେହେରା, ଆଇନଜୀବୀ କେଦାର ସେନାପତି ଯୋଗଦେଇ ରାଷ୍ଟ୍ରଗଠନରେ ଯୁବ ଗୋଷ୍ଠୀଙ୍କୁ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅଧାପକ ସୌମେନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ ମଣିମା ଖିଲ ଓ ବିଶ୍ୱଜିତ ମିଶ୍ର ସହଯୋଗ କରିଥିଲେ। ବିଭିନ୍ନ ବ୍ଲକର ସଭାପତି, ସମ୍ପାଦକଙ୍କ ସମେତ ୬୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ । ହିସାବ ରକ୍ଷକ ଉମେଶ ପ୍ରସାଦ ଧନ୍ୟବାଦ ଦେଇଥିଲେ।

### ଜିଲା ଆଇନ ସେବା ପକ୍ଷରୁ ଶିଶୁଦିବସ



ଜୟପୁର ୧୪।୧୧ (ନି.ପ୍ର.) ଜିଲା ଆଇନ ସେବା ପ୍ରାଧିକରଣ ଜୟପୁର ପକ୍ଷରୁ ରବିବାର ସ୍ଥାନୀୟ ସିଟିହାଇସ୍କୁଲରେ ଶିଶୁଦିବସ ପାଳନ କରାଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଜଜ୍ ରାଜେଶ କୁମାର ନାୟର, ପ୍ରାଧିକରଣ ସଚିବ ଶୁଭ ଗୌତମ ମିଶ୍ର, ବରିଷ୍ଠ ଆଇନଜୀବୀ ବୀରେଶ ପଟ୍ଟନାୟକ, ଗିରିଧର ଖରା, କେ. ଦିବାକର ରାଓ, ହରିଶ ଚନ୍ଦ୍ର ମୁଦୁଲି ଓ ଶିକ୍ଷକ ପ୍ରତାପ ପଟ୍ଟନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ଜଜ୍ ଶିଶୁ ଓ ଛାତ୍ରୀଛାତ୍ରଙ୍କୁ ନିଜ ଭିତରେ ଥିବା ଅନ୍ତର୍ନିହିତ ଜ୍ଞାନର ଉପଯୋଗ କରି ଆଗକୁ ଶିକ୍ଷା ମାଧମରେ ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ।

ଜୟପୁରରେ ସ୍ୱେଓ୍ୱା ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ସଂଗମ କଲ୍ୟାଣୀ ମଣ୍ଡପରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁ ନିଜ ଭିତରେ ଥିବା ଅନ୍ତର୍ନିହିତ ଗୁଣକୁ ଜାଣିବା ଓ ପ୍ରତିଭାକୁ ଲୋକାଲୋଚନକୁ ଆଣିବା ପାଇଁ ଶିଶୁମାନଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ୩ ବର୍ଷର ୧୬ ବର୍ଷର ଶିଶୁ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତି ଯୋଗିତାର କୃତିତ୍ୱ ହାସଲ କରିଥିବା ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସେଓ୍ୱାର ସଭାପତି ଅଜୟ ମିଶ୍ର, ସମ୍ପାଦକ ପ୍ରତାପ ପଟ୍ଟନାୟକ, ମହିଳା ଶାଖା ସଭାପତି ଦିବ୍ୟା ମୋହନ, ସମ୍ପାଦିକା ସୁମନ ମଜୁମଦାର ଉପସ୍ଥିତ ଥିଲେ।

### ଅତିରିକ୍ତ ଜିଲାପାଳଙ୍କୁ ଓକିଲ ସଂଘର ବିରୋଧ



ମାଲକାନଗିରି,୧୪।୧୧ (ଡି.ଏନ୍.ଏ.) ମାଲକାନଗିରି ଜିଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ଆଇନ ସେବା ଶିବିର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କୁ ଅତିଥି ରୂପେ ନିମନ୍ତ୍ରଣ କରାଯାଇଥିବା ବେଳେ ତାଙ୍କୁ କାର୍ଯ୍ୟକ୍ରମ ଭିତରକୁ ପଶିବାକୁ ଦେଲେନି ଜିଲା ଓକିଲ ସଂଘ। କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଆଇନଜୀବୀମାନେ ଅତିରିକ୍ତ ଜିଲାପାଳଙ୍କୁ ବିରୋଧ କରିଥିଲେ। କାରଣ ଅତିରିକ୍ତ ଜିଲାପାଳ ଓକିଲମାନଙ୍କ ଉନ୍ନତିମୂଳକ କାର୍ଯ୍ୟରେ କେବେ ମଧ ସହଯୋଗ କରୁନାହାନ୍ତି ବୋଲି ଓକିଲମାନେ ଅଭିଯୋଗ କରିଥିଲେ। ସେମାନଙ୍କ କାର୍ଯ୍ୟକୁ ଅଣଦେଖା କରୁଥିବାରୁ ବାରମ୍ବାର ଆଇନଜୀବୀମାନେ ଏନେଇ ଅତିରିକ୍ତ ଜିଲାପାଳଙ୍କୁ ଅନୁରୋଧ କରୁଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ସେମାନେ ପ୍ରକାଶ କରିଛନ୍ତି। ଏପରିକି ଓକିଲମାନେ ଅତିରିକ୍ତ ଜିଲାପାଳଙ୍କୁ ଠେଲାପେଲା କରିଥିଲେ। ଏନେଇ ଉତ୍ତେଜନା ପ୍ରକାଶ ପାଇବାରୁ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଏବଂ ଥାନା ଆଇଆଇସିଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲେ। ତେବେ ଘଟଣା ନେଇ ମାଲକାନଗିରି ଜିଲା ଆଦିବାସୀ ମହାସଂଘ କ୍ଷୋଭ ପ୍ରକାଶ କରି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛି।

